# Akashvani, Sambalpur

## SAMBALPURI NEWS MORNING BULLETIN

## 25 August 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ଶାସନ୍ ବ୍ୟବସ୍ଥାର୍ ମୂଳ ନୀତି ହେଉଛେ ସହାନୁଭୂତି, ସମବେଦନା ଆଉ ସହୃଦୟତା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍ନେଶ୍ୱର୍ ଠାନେ ଲୁକ୍କର୍ ଅଭିଯୋଗ୍ ଶୁନ୍ବାର୍ ଅବ୍ସରେ ସେ କହିଛନ୍, ଲୁକ୍କର୍ ସମସ୍ୟା ଶୁନିକରି ସେଥିର୍ ସମାଧାନ୍ କର୍ବାର୍ ସର୍କାର୍ଙ୍କର୍ ସବୁନୁ ପହେଲା ପ୍ରାଥମିକତା ଆଏ । ୨୦୨୪ ମସିହାଥି ଅଦିନିଆ ବର୍ଷାକେ ପ୍ରାକୃତିକ୍ ବିପର୍ଯ୍ୟୟ ଭାବେ ଘୋଷ୍ନା କରିକରି ସାହାଜ୍ ଦିଆଯାଇଥିଲା । ଚଲ୍ତି ବଏଡ୍ଥି ଭିଲ୍ ସାହାଜ୍ ପେକେଜ୍ ଘୋଷ୍ନା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଶ୍ରୀମନ୍ଦିର୍ ଧାଡ଼ି ଦର୍ଶନ୍ ଆଇ ଆଣ୍ଡ୍ ପି.ଆର୍

ପୁରୀ ଶ୍ରୀମନ୍ଦିର୍ ନ ଭକ୍ତମାନ୍‌କର୍ ବଢୁଥିବା ଭିଡ୍‌କେ ନଜର୍‌ଥି ରଖିକରି ଶୃଙ୍ଖଳିତ୍ ଧାଡ଼ି ଦର୍ଶନ୍ ବାବ୍‌ଦେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆଇଆଇଟି ଭୁବ୍‌ନେଶ୍ୱର୍ ତର୍‌ଫୁ ଭିନ୍ ଭିନ୍ ମୋଡ଼େଲ୍ ପ୍ରଦର୍ଶନ୍ କରାଯାଇକରି ସବୁନୁ ଭଲ୍ ମୋଡ଼େଲ୍ କାର୍ଯ୍ୟକାରୀ କର୍‌ବାର୍ ବାବ୍‌ଦେ ଆଲୋଚନା ହେଇଛେ । ନୂଆଁ ବ୍ୟବସ୍ଥାଥି ସାତ ପାହାଚ ନୁ ଭିଡ୍ ନିୟନ୍ତ୍ରଣ୍ କରାଯାଇକରି ୫ ଟା ଅଲ୍‌ଗା ଅଲ୍‌ଗା ରେମ୍ପ୍‌ଥି ଭକ୍ତମାନେ ଦର୍ଶନ୍ କର୍‌ବେ । ଯେନ୍‌ଥିର୍ ଲାଗି ଘଂଟାକ ୮ ନୁ ୧୦ ହଜାର୍ ଭକ୍ତ ଶୃଙ୍ଖଳିତ୍ ଦର୍ଶନ୍ କରିପାର୍‌ବେ । ନାଟମଣ୍ଡପ୍ ନ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଭିଲ୍ କରାଯିବା । ଖୋବ୍ ଜଲ୍‌ଦି ପାଇଲଟ୍ ମୋଡ଼େଲ୍ ତିଆର୍ କରାଯାଇକରି ଛତିଶା ନିଯୋଗ୍ ଆଉ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଅନୁଧ୍ୟାନ୍ ଉତ୍‌ରୁ ପୁରା ଯୋଜ୍‌ନା କାର୍ଯ୍ୟକାରୀ ହେବା ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ମନ୍ କି ବାତ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୮ ତାରିଖତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ଓର୍‌ମାସ୍ -ରାକ୍ଷୀ ଷ୍ଟଲ୍        ଆର୍ଏନ୍ୟୁ/ ସମ୍ବଲପୁର

ରାକ୍ଷୀପୁନି ଅବ୍‌ସରେ ଓଡ଼ିଶାର୍ ଗ୍ରାମୀଣ୍ କାରିଗର୍ ଆଉ ଉତ୍ପାଦକ ଗୋଷ୍ଠୀମାନ୍‌କର୍ ହାତ୍ ତିଆରି ଦରବ୍‌କେ ପ୍ରୋତ୍ସାହନ୍ ଦେବାର୍ ଲାଗି ଭୁବ୍‌ନେଶ୍ୱର୍ ଠାନେ ଓର୍‌ମାସ୍ ତର୍‌ଫୁ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ୍ ହେଇଛେ । ଷ୍ଟଲ୍ ମାନ୍‌କେ ସବାଇ ଘାସ, କାଇଁଚ, ଧାନ୍, ଜଗନ୍ନାଥ୍, ପଟ୍ଟଚିତ୍ର, କଉଡ଼ି ଆଉ ବାଉଁଶ ବାଗିର୍ ପ୍ରାକୃତିକ୍ ଜିନିଷ୍‌ଥି ତିଆରି ପାରମ୍ପରିକ୍ ଆଉ ପରିବେଶ୍ ଅନୁକୂଳ ହାତ୍ ତିଆରି ରାକ୍ଷୀ ପ୍ରଦର୍ଶିତ୍ ଆଉ ବିକ୍ରି କରାଯାଉଛେ । ଇ ପଦକ୍ଷେପ୍ ଜରିଏ ଗ୍ରାମୀଣ୍ ମହିଳା ଆଉ କାରିଗର୍ ମାନ୍‌କୁ ବଜାର୍ ସୁଯୋଗ୍ ମିଲ୍‌ବାର୍ ସହେତେ ଓଡ଼ିଶାର୍ ପାରମ୍ପାରିକ୍ କଳାକେ ପ୍ରୋତ୍ସାହନ୍ ମିଳୁଛେ ।

ଓଡ଼ିଶାର୍- ଜି.ଆଇ.ଟେଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ସର୍‌ସତିଆ, ମାଣିକପାଟଣାର ଦହି ଆଉ ଢେଙ୍କାନାଲ୍‌ର ପାଳ ବାଇଗଣ କେ ଖୋବ୍ ଜଲ୍‌ତି ଜି.ଆଇ. ମାନ୍ୟତା ମିଲ୍‌ବା । ଇସବୁକେ ଜି.ଆଇ. ଟେଗ୍ ଲାଗି ହେଇଥିବା ଆବେଦନ୍ ଅନୁମୋଦନ୍‌ର ଶେଷ୍ ଖେପେ ପୁହୁଁଚିଛେ । ସେଆଡ଼େ

ଓଡ଼ିଶା ସ୍ଥାନୀୟ ପାରମ୍ପରିକ୍ ଉତ୍ପାଦନ୍ ମାନ୍‌କୁ ଜାତୀୟ ଆଉ ଅନ୍ତର୍ଜାତୀୟ ପରିଚୟ ଦେବାର୍ ଲାଗି ଇସବୁକେ ଓଡ଼ିଶା କୃଷି ଆଉ ବୈଷୟିକ୍ ବିଶ୍ୱବିଦ୍ୟାଳୟ- ଓୟୁଏଟି ତରଫୁ ଆବେଦନ୍ କରାଯାଇଛେ ବଲି କୁଲପତି ପ୍ରଫେସର୍ ପ୍ରଭାତ୍ କୁମାର୍ ରାଉତ୍ ସୂଚ୍‌ନା ଦେଇଛନ୍ ।

ଟ୍ରେନ୍ ବାତିଲ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ରେଲ୍‌ଷ୍ଟେସନ୍‌ର ଉନ୍ନତକରଣ୍ କାମ୍ ଲାଗି ପୂର୍ବତଟ ରେଲ୍‌ପଥ୍ ତରଫୁ ଆଏଜ୍‌ଠାନୁ ଅକ୍ଟୋବର୍ ୨୦ ତାରିଖ୍‌ତକ୍ କେତେଟା ଟ୍ରେନ୍‌ର ସେବାଥି ସାମୟିକ୍ ପରିବର୍ତ୍ତନ୍ କରାଯାଇଛେ । ଭିତିଭୂମି ଉନ୍ନତିକରଣ୍ କାମ୍‌କେ ସୁରକ୍ଷିତ୍ ଭାବେ କର୍‌ବାର୍ ଲାଗି ଇ ପରିବର୍ତ୍ତନ୍ ହେଇଛେ । ଖୋର୍ଦ୍ଧା ରୋଡ୍- ପୁରୀ ମେମୁ ଆଉ ପୁରୀ- ଖୋର୍ଦ୍ଧାରୋଡ୍ ମେମୁ ଅକ୍ଟୋବର୍ ୨୦ ତାରିଖ୍‌ତକ୍ ପୁରାପୁରି ବାତିଲ୍ ରହେବା ।  ଯାତ୍ରୀମାନେ ଟ୍ରେନ୍ ଚଲାଚଲ୍‌ଥି ଇ ପରିବର୍ତ୍ତନ୍‌କେ ନଜର୍‌ଥି ରଖିକରି ଯାତ୍ରା ଯୋଜ୍‌ନା କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

ନିଟ୍ -ପିଜି ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୩୦ ତାରିଖ୍ ନିଟ୍ -ପିଜି ପରୀକ୍ଷା ହେବା । ଇ ପରୀକ୍ଷା ଗୁଟେ ସିଫ୍ଟ୍‌ଥି ସଖାଲର ୯ ନୁ ସାଢ଼େ ୧୨ ବଜେତକ୍ କମ୍ପ୍ୟୁଟର୍ ଆଧାରିତ୍ ସିବିଟି ମୋଡ୍‌ଥି କରାଯିବା । ଇଥିର୍‌ଲାଗି ଆଏଜ୍‌ଠାନୁ ଏଡ଼ମିଟ୍‌କାର୍ଡ଼ ମିଲ୍‌ବା ବଲି ଏନ୍‌ଟିଏ ତର୍‌ଫୁ ସୂଚ୍‌ନା ମିଲିଛେ ।

ଶକ୍ତିଶ୍ରୀ-ତାଲିମ୍ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସର୍‌କାରୀ ମହିଳା ମହାବିଦ୍ୟାଳୟ ଶକ୍ତିଶ୍ରୀ ସଶକ୍ତିକରଣ୍ ପ୍ରକୋଷ୍ଠ ତର୍‌ଫୁ ଆତ୍ମରକ୍ଷା ପ୍ରଶିକ୍ଷଣ୍ କୌଶଲ୍ ଶିବିର୍ ଗଲାକାଏଲ୍ ମୁଲ୍ ହେଇଛେ । ଶିବିର୍‌ଥି ଶିକ୍ଷାନୁଷ୍ଠାନ୍‌ର ଶହେ ଝନ୍ ଛାତ୍ରୀ ଭାଗ୍ ନେଇକରି ଆତ୍ମରକ୍ଷାର୍ କୌଶଲ୍ ବାବ୍‌ତେ ତାଲିମ୍ ନେଉଛନ୍ । ଇ ଶିବିର୍ ଆଏବା ୨୯ ତାରିଖ୍‌ତକ୍ ଚାଲ୍‌ବା ।

ଉଲ୍ଲାସ୍ ଆର୍ଏନ୍ୟୁ/ ସମ୍ବଲପୁର

ନବଭାରତ୍ ସାକ୍ଷରତା କାର୍ଯ୍ୟକ୍ରମ୍ ଏନ୍.ଆଇ.ଏଲ୍.ପି.- ଉଲ୍ଲାସ୍ ଅଧୀନ୍‌ଥି ବ୍ଲକ୍‌ସ୍ତରୀୟ ଦିନ୍‌କିଆ ଅଭିମୁଖୀକରଣ୍ ଆଉ ତାଲିମ୍ ଶିବିର୍ ଝାର୍‌ସୁଗୁଡ଼ା ଜିଲ୍ଲା କୁଲାବିରା ବ୍ଲକ୍ ନ ହେଇଯାଇଛେ । ସମାଜ୍‌ଥି ମୌଳିକ୍ ସାକ୍ଷରତା ଆଉ ସଂଖ୍ୟା ଜ୍ଞାନ୍‌ର ପ୍ରସାର୍ ଲାଗି ଆୟୋଜିତ୍ କାର୍ଯ୍ୟକ୍ରମ୍‌ଥି ବ୍ଲକ୍‌ର ପାଖାପାଖି ଶହେ ୩୦ ଝନ୍ ସ୍ୱେଚ୍ଛାସେବୀ ଶିକ୍ଷକ୍ ଆଉ କ୍ଲଷ୍ଟର୍ ସମ୍ବଳ କେନ୍ଦ୍ର ସଂଯୋକ ଯୋଗ୍ ଦେଇକରି ତାଲିମ୍ ନେଇଛନ୍ । ଉଲ୍ଲାସ୍ ଯୋଜ୍‌ନାର୍ ମୁଳ ଲକ୍ଷ୍ୟ ଡିଜିଟାଲ୍ ମାଧ୍ୟମ୍‌ଥି ଶିକ୍ଷାଦାନ୍ ପଦ୍ଧତି, ଆପ୍ ମାନ୍‌କର୍ ବେଭାର୍ ଆଉ ନିରକ୍ଷର୍ ଲୁକ୍‌କୁ ସାକ୍ଷର୍ କର୍‌ବାର୍ ସହଜ୍ କୌଶଲ୍ ଉପ୍‌ରେ ତାଲିମ୍ ଦିଆଯାଇଛେ ।

ପାଣିପାଗ ଆଇ.ଆଣ୍ଡ୍.ପି.ଆର୍

ଉତର୍ ଉପକୂଳ ଓଡ଼ିଶା ଆଉ ତାକେ ଲାଗି କରିଥିବା ଇଲାକା ନ ହେଇଥିବା ଲଘୁଚାପ୍ କ୍ଷେତ୍ର ଇହାଦେ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଆଉ ଉତର୍ ଓଡ଼ିଶା ଇଲାକାମାନ୍‌କେ ରହିଛେ । ଆଏଜ୍ ଇଟା

ଉତର୍ ପଶ୍ଚିମ୍ ଦିଗ୍‌କେ ଯିବାର୍ ସମ୍ଭାବନା ରହିଛେ । ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍ ସହେତେ ୧୭ ଟା ଜିଲ୍ଲା ନ ବିଜ୍‌ଲି ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ । ଆଏବା ୩୦ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା ବଲି ପାଣିପାଗ୍ ବିଜ୍ଞାନ୍ ତର୍‌ଫୁ ଅନୁମାନ୍ କରାଯାଉଛେ ।